# କଟକ ମହାନଗର ନିଗମ ୧୭ତମ ସାଧାରଣ ବୈଠକ ବିବରଣୀ

ତା. ୨୮ .୧୨.୨୦୧୫ ରିଖ , ସମୟ : ପୁର୍ବାହ୍ନ - ୧୧.୦୦ ଘଟିକା.

ସ୍ଥାନ : ବିଶ୍ଵନାଥ ପଣ୍ଡିତ ସମ୍ମିଳନୀ କକ୍ଷ

ଅଦ୍ୟ ତା ୨୮.୧୨.୨୦୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୧୭ତମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ଵ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ | କର୍ପୋରେଟର, ୱାର୍ଡ଼ ନଂ. – ୦୧ |
| ୩. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୪. | ସୁଶ୍ରୀ ସେବତୀ ମାଝି | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୫. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୬. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୭. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୮. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ଵାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୯. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୧୦. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୧. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୨. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୩. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୪. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୫. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୬. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୭. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୮ . | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୧୯. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୦. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ଵାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୧. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୨. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୩. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୪. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୨୫. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୨୬. | ଶ୍ରୀଯୁକ୍ତ ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |

୨୭. ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, କର୍ପୋରେଟର, ୱାର୍ଡ଼ ନଂ. – ୩୩
୨୮. ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ. – ୩୪
୨୯. ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, କର୍ପୋରେଟର, ୱାର୍ଡ଼ ନଂ. – ୩୫
୩୦. ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର କର୍ପୋରେଟର, ୱାର୍ଡ଼ ନଂ. – ୩୬
୩୧. ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , କର୍ପୋରେଟର, ୱାର୍ଡ଼ ନଂ. – ୩୮
୩୨. ଶ୍ରୀଯୁକ୍ତା ସୁଲୋଚନା ସେଠୀ, କର୍ପୋରେଟର, ୱାର୍ଡ଼ ନଂ. – ୩୯
୩୩. ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ. – ୪୦
୩୪. ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, କର୍ପୋରେଟର, ୱାର୍ଡ଼ ନଂ. – ୪୧
୩୫. ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, କର୍ପୋରେଟର, ୱାର୍ଡ଼ ନଂ. – ୪୨
୩୬. ସୁଶ୍ରୀ ପମିଳା ମହାନ୍ତି କର୍ପୋରେଟର, ୱାର୍ଡ଼ ନଂ. – ୪୩
୩୭. ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, କର୍ପୋରେଟର, ୱାର୍ଡ଼ ନଂ. – ୪୪
୩୮. ଶ୍ରୀଯୁକ୍ତା ପ୍ରଳୟା ବେଉରା, କର୍ପୋରେଟର, ୱାର୍ଡ଼ ନଂ. – ୪୬
୩୯. ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, କର୍ପୋରେଟର, ୱାର୍ଡ଼ ନଂ. – ୪୭
୪୦. ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ. – ୪୮
୪୧. ଶ୍ରୀଯୁକ୍ତ ଦୟାନିଧି ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୪୯
୪୨. ଶ୍ରୀଯୁକ୍ତା ଦିପ୍ତି ପଞ୍ଜା ମହାନ୍ତି, କର୍ପୋରେଟର, ୱାର୍ଡ଼ ନଂ. – ୫୦
୪୩. ଶ୍ରୀଯୁକ୍ତା ମମତା ବେହେରା, କର୍ପୋରେଟର, ୱାର୍ଡ଼ ନଂ. – ୫୧
୪୪. ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ. – ୫୨
୪୫. ଶ୍ରୀଯୁକ୍ତା ପ୍ରଦୀପ କୁମାର ସାମନ୍ତରାୟ, କର୍ପୋରେଟର, ୱାର୍ଡ଼ ନଂ. – ୫୩
୪୬. ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, କର୍ପୋରେଟର, ୱାର୍ଡ଼ ନଂ. – ୫୪
୪୭. ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, କର୍ପୋରେଟର, ୱାର୍ଡ଼ ନଂ. – ୫୫
୪୮. ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, କର୍ପୋରେଟର, ୱାର୍ଡ଼ ନଂ. – ୫୬
୪୯. ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, କର୍ପୋରେଟର, ୱାର୍ଡ଼ ନଂ. – ୫୭
୫୦. ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ. – ୫୮
୫୧. ଶ୍ରୀଯୁକ୍ତ ପମୋଦ କୁମାର ମହାପାତ୍ର, କର୍ପୋରେଟର, ୱାର୍ଡ଼ ନଂ. – ୫୯

## ଉପସ୍ଥିତ ପଦାଧିକାରୀ

୧. ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ ଆଯୁକ୍ତ
୨. ଶ୍ରୀଯୁକ୍ତ ଭରତ ଚନ୍ଦ୍ର ବେହେରା ଅତିରିକ୍ତ ଆଯୁକ୍ତ-୧
୩. ଶ୍ରୀଯୁକ୍ତ ସୁମନ ବେହେରା ଅତିରିକ୍ତ ଆଯୁକ୍ତ-୨
୪. ଶ୍ରୀଯୁକ୍ତା ନିରୁପମା ସାଇଁ ଉପ ଆଯୁକ୍ତ-୨
୫. ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ ନଗର ଯନ୍ତ୍ରୀ
୬. ଡ଼ଃ ପଦୀପ କୁମାର ପ୍ରଧାନ ନଗର ସାସ୍ଥ୍ୟ ଅଧିକାରୀ
୭. ଶ୍ରୀଯୁକ୍ତ ମନିଷ ସରକାର ନିର୍ବାହୀ ଯନ୍ତ୍ରୀ -୧
୮. ଶ୍ରୀଯୁକ୍ତ ଲଳିତ ମୋହନ ଦାସ ନିର୍ବାହୀ ଯନ୍ତ୍ରୀ -୨
୯. ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ ବିତ ଅଧିକାରୀ
୧୦. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ ଉପ ନିର୍ବାହୀ ଯନ୍ତ୍ରୀ
୧୧. ଶ୍ରୀମତୀ ନମିତା ବିଶ୍ୱାଳ ସଚିବ

୧୨. ଶ୍ରୀଯୁକ୍ତ ନିର୍ମଳ ଚନ୍ଦ୍ର ନାୟକ — ଉପ ସଚିବ

୧୩. ଶ୍ରୀଯୁକ୍ତ ବିଜୟ କୁମାର ଦାସ — ରିକଭରୀ ଅଫିସର

୧୪. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ — ସହକାରୀ ନିର୍ବାହୀ ଯନ୍ତ୍ରୀ

୧୫. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର — ସହକାରୀ ନିର୍ବାହୀ ଯନ୍ତ୍ରୀ

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡେପୁଟି ମେୟର, ସମସ୍ତ କର୍ପୋରେଟର, କମିଶନର ତଥା ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ସେ ମଧ ନୂତନ ଭାବେ ନିଗମ ଅଧିନରେ ଅତିରିକ୍ତ କମିଶନର ଭାବେ ଯୋଗଦେଇଥିବା ଶ୍ରୀଯୁକ୍ତ ସୁମନ ବେହେରା ଏବଂ ନିର୍ବାହୀ ଯନ୍ତ୍ରୀ ଭାବେ ଯୋଗଦେଇଥିବା ଶ୍ରୀଯୁକ୍ତ ମନିଷ ସରକାରଙ୍କୁ ସ୍ୱାଗତ କରିଥିଲେ । ଆସନ୍ତା ନବବର୍ଷ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ, ଅଜ୍ଞାତ ବଶତଃ ତାଙ୍କର ପରିବାର ସଦସ୍ୟଙ୍କ ଦ୍ୱାରା ରେସନ କାର୍ଡ଼ ନିମନ୍ତେ ଆବେଦନ କରାଯାଇଥିବା ଏବଂ ଏହି କାର୍ଡ଼କୁ ତୁରନ୍ତ ବାତିଲ କରାଯିବା ନିମନ୍ତେ ମଧ ସେ ଆବେଦନ କରିଥିବାର ସୂଚନା ପ୍ରଦାନ କରିଥିଲେ । ଏପରି ଏକ ଘଟଣା ନିମନ୍ତେ ସେ ମଧ ଦୁଃଖ ପ୍ରକାଶ କରିବା ସହ ବ୍ୟକ୍ତିଗତ ଭାବେ ସେ ଉକ୍ତ କାର୍ଡ଼କୁ ଗ୍ରହଣ କରିନଥିବାର ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରିଥିଲେ ।

କିନ୍ତୁ ବିରୋଧି ଦଳର ସଦସ୍ୟ /ସଦସ୍ୟା ମାନେ ତାଙ୍କର ଏଭଳି ସ୍ୱଷ୍ଟୋକ୍ତିକୁ ଗ୍ରହଣ କରିନଥିଲେ । ସଦସ୍ୟା ଶ୍ରୀଯୁକ୍ତା ଗିରିବାଳା ବେହେରା କଟକ ସହରରେ ରେସନ କାର୍ଡ଼ ପ୍ରଦାନ ନିମନ୍ତେ ଅନେକ ଅନିୟମିତତା ଓ ତ୍ରୁଟି ପରିଲକ୍ଷିତ ହୋଇଥିବାର ଅଭିଯୋଗ କରି, ବିଭିନ୍ନ ସ୍ତରରେ ରେସନ କାର୍ଡ଼ ପ୍ରଦାନ ନିମନ୍ତେ ଯାଂଚ କରାଯାଇଥିଲେ ମଧ, ଗଣ ମାଧମରେ ପ୍ରକାଶ ପାଇଥିବା ସମ୍ବାଦକୁ ଭିତ୍ତି କରି ମାନ୍ୟବର ମେୟରଙ୍କ ନାମରେ ରେସନ କାର୍ଡ଼ କରାଯାଇଥିବା ଦୃଷ୍ଟିରୁ, ନୈତିକତା ଦୃଷ୍ଟିରୁ ମାନ୍ୟବର ମେୟରଙ୍କ ଇସ୍ତଫା ଦାବି କରିଥିଲେ ଏବଂ ଏ ଦିଗରେ ବିଧିବଦ୍ଧ ଭାବେ ତଦନ୍ତ କରାଯିବା ନିମନ୍ତେ ମଧ କମିଶନର ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ, ମାନ୍ୟବର ମେୟର ଏହି ଘଟଣା ନିମନ୍ତେ ଦୁଃଖ ପ୍ରକାଶ କରିଥିବାରୁ ଏବଂ ଅଜାଣତରେ ପରିବାର ଲୋକ ମାନଙ୍କ ଦ୍ୱାରା କରାଯାଇଥିବା ଭୁଲକୁ ସଂଶୋଧନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେ ମଧ ଜଣେ କର୍ପୋରେଟର ହିସାବରେ ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡ ଅନୁଯାୟୀ ରେସନ କାର୍ଡ଼ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହେଉଥିଲେ, ଏହି ପ୍ରକ୍ରିୟା ମଧରେ ସେମାନଙ୍କୁ ବାଦ ଦେବା ଅନୁଚିତ ବୋଲି ନିଜର ମତ ପ୍ରକାଶ କରିଥିଲେ । ଯେଭଳି ଭାବେ ବିଭିନ୍ନ ୱାର୍ଡ଼ ମାନଙ୍କରେ ଉପଯୁକ୍ତ ଯୋଗ୍ୟ ପରିବାର ରେସନ କାର୍ଡ଼ ପ୍ରଦାନରୁ ବଂଚିତ ନହୁଅନ୍ତି, ସେ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହୃଷୀକେଶ ପ୍ରଧାନ ରାଜ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବିଭିନ୍ନ ମାନଦଣ୍ଡ ମଧରେ ଯଦି ଜଣେ କର୍ପୋରେଟର ଯୋଗ୍ୟ ବିବେଚିତ ହେଉଥାଏ, ତେବେ ସେମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ନଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ଏବଂ ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ । ସେ ମଧ ରେସନ କାର୍ଡ଼ ପ୍ରଦାନ ପ୍ରସଙ୍ଗରେ ଦୃଷ୍ଟିକୁ ଆସୁଥିବା ତ୍ରୁଟି ଗୁଡ଼ିକ ସଂଶୋଧନ କରାଯାଇ, ଉପଯୁକ୍ତ ଯୋଗ୍ୟ ପରିବାର ମାନଙ୍କୁ ଏହି ସୁବିଧାରୁ ବଂଚିତ ନକରାଯିବାକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସୁଶ୍ରୀ ରଞ୍ଜୀତା ବିଶ୍ୱାଳ ରେସନ କାର୍ଡ଼ ପ୍ରଦାନ ପ୍ରସଙ୍ଗରେ ମାନ୍ୟବର ମେୟରଙ୍କ ଦ୍ୱାରା ସ୍ପଷ୍ଟିକରଣ ପ୍ରଦାନ କରାଯାଇ ଦୋଷ ସ୍ୱୀକାର କରାଯାଇଥିବାରୁ, କାଉନସିଲ ବୈଠକର ଅନ୍ୟାନ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ ରେସନ କାର୍ଡ଼ ପ୍ରଦାନ ସମ୍ପର୍କରେ ଘଟଣାର ନିରପେକ୍ଷ ତଦନ୍ତ କରାଯିବା ନିମନ୍ତେ ପ୍ରସ୍ତାବ ଦେବା ସହିତ ଯଦି ମାନ୍ୟବର ମେୟର ରେସନ କାର୍ଡ଼ ପାଇଁ ଆବେଦନ କରିଥିବା ପ୍ରମାଣ ମିଳେ, ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମତ ବ୍ୟକ୍ତ କରିଥିଲେ । କିନ୍ତୁ ମାନ୍ୟବର ମେୟରଙ୍କ ଦୃଷ୍ଟିକୁ ଏହି ଘଟଣା ଆସିବା ପରେ ସେ ସ୍ୱତପ୍ରବୃତ୍ତ ଭାବେ ଏହି କାର୍ଡ଼କୁ ନାକଚ କରିବା ନିମନ୍ତେ ଆବେଦନ କରିଥିବାରୁ ତାଙ୍କୁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ । ସେ ମଧ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ଘଟଣାକୁ ହୃଦୟତାର ସହ ବିଚାର କରାଯିବାକୁ ନିବେଦନ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର ଆସନ୍ତା ନବବର୍ଷ ନିମନ୍ତେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ନିଗମର ବିଭିନ୍ନ ଅଂଚଳରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡ ଅନୁଯାୟୀ ଅନେକ ଅଯୋଗ୍ୟ ପରିବାର ଏହି ପ୍ରକ୍ରିୟାରେ ସାମିଲ ହୋଇଥିବାରୁ, ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ ବାଦ ପଡ଼ିଥିବା ଯୋଗ୍ୟ ପରିବାର ମାନଙ୍କୁ କିଭଳି ଭାବେ ଏହି ଯୋଜନାରେ ସାମିଲ କରାଯାଇପାରିବ, ସେ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ

ଦେଇଥିଲେ । ନିଗମର ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ବର୍ତମାନ ଏହି ସମସ୍ୟା ସୃଷ୍ଟି ହୋଇଥିବା ଦୃଷ୍ଟିରୁ, ଯଥାଶିଘ୍ର ସମସ୍ତଙ୍କ ସହଯୋଗରେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

ଅନୁମତି କ୍ରମେ କମିଶନର ଏହି ପ୍ରସଙ୍ଗରେ ସ୍ପଷ୍ଟିକରଣ ପ୍ରଦାନ କରି କହିଥିଲେ, ବିଭିନ୍ନ ୱାର୍ଡ଼ ମାନଙ୍କରେ ରେସନ କାର୍ଡ଼ ନିମନ୍ତେ ଆବେଦନ ପତ୍ର ଗ୍ରହଣ, ଏବଂ Field Enquiry ପକ୍ରିୟାରେ ନିଗମର କୌଣସି କର୍ମଚାରୀ ତଥା କୌଣସି କର୍ପୋରେଟର ସଂସ୍ଲିଷ୍ଟ ନଥିବାର ସୂଚନା ପ୍ରଦାନ କରିଥିଲେ । ଗତ କାଉନସିଲ ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ, ଯେପରି ଭାବେ କୌଣସି ଯୋଗ୍ୟ ପରିବାର ଏହି ପ୍ରକ୍ରିୟାରୁ ବାଦନପଡ଼ନ୍ତି ଏବଂ ଅଯୋଗ୍ୟ ପରିବାର ମାନଙ୍କୁ ଚିହ୍ନଟ କରାଯାଇ ଏହି ପକ୍ରିୟାରୁ ଚାଦନପଡ଼ନ୍ତି ଏଚଂ ଅଯୋଗ୍ୟ ପରିଚାର ମାନଙ୍କୁ ଚିହ୍ନଟ କରାଯାଇ ଏହି ପକ୍ରିୟାରୁ ଚାଦ ଦେଚା ନିମନ୍ତେ ଚିଭିନ୍ନ ପଦକ୍ଷେପ ଗ୍ରହଣ କରାଯିଚା ନିମନ୍ତେ ଆଲୋଚନା କରାଯାଇଥିଲା । ନିଗମ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ମଧ ପ୍ରକାଶ କରାଯାଇଥିଚାର ସୂଚନା ମଧ ଦେଇଥିଲେ । ଚିହ୍ନଟ କରାଯାଇଥିଚା ପରିଚାର ମାନଙ୍କର ନାମ Website ମାଧମରେ ପ୍ରକାଶ କରାଯିଚା ସହ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ମଧ ଏହାର ଏକ ତାଲିକା ପ୍ରଦାନ କରାଯାଇଥିଚା ପ୍ରକାଶ କରିଥିଲେ । ବିଜ୍ଞପ୍ତି ପ୍ରକାଶ କରାଯିଚା ପରେ ମାତ୍ର ୭୦ଜଣଙ୍କ ନାମକୁ ଚାଦ ଦେଚା ନିମନ୍ତେ ଅଭିଯୋଗ ପ୍ରାପ୍ତ ହୋଇଥିଚାର ସେ ମଧ ସୂଚନା ଦେଇଥିଲେ । ଚିଭିନ୍ନ ସମୟରେ ସମ୍ବାଦପତ୍ର ମାଧମରେ ପ୍ରକାଶ ପାଉଥିଚା ନାମ ତଥା ପ୍ରାପ୍ତ ହୋଇଥିଚା ଅଭିଯୋଗ ଗୁଡ଼ିକର ଚିଧିଚଦ୍ଧ ତଦନ୍ତ କରାଯାଇ, ଅଯୋଗ୍ୟ ପରିଚାର ମାନଙ୍କୁ ଏହି ପକ୍ରିୟାରୁ ଚାଦ ଦେଚା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଚାର ସେ ମଧ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଚିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଏହି ପକ୍ରିୟାକୁ ତ୍ରୁଟି ଶୂନ୍ୟ କରିଚାକୁ ଯଥା ସମ୍ଭବ ଚେଷ୍ଟା କରାଯାଉଥିଲେ ମଧ, ହିତାଧିକାରୀ ମାନଙ୍କ ଚୟନ କ୍ଷେତ୍ରରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଚାର ସୂଚନା ଦେଇ, ଯୋଗ୍ୟ ପରିଚାର ମାନଙ୍କୁ ଚୂଡ଼ାନ୍ତ ତାଲିକା ମଧରେ ସ୍ଥାନିତ କରାଯିଚା ଏଚଂ ଅଯୋଗ୍ୟ ପରିଚାର ମାନଙ୍କୁ ଚିହ୍ନଟ କରାଯାଇ ଉକ୍ତ ତାଲିକା ମଧରୁ ଚାଦ ଦିଆଯିଚା ପକ୍ରିୟା ଚାଲୁରହିଥିଚା ପ୍ରକାଶ କରିଥିଲେ । ଚିଭିନ୍ନ ସମୟରେ ଏ ଦିଗରେ ପ୍ରାପ୍ତ ହେଉଥିଚା ସରକାରୀ ନିର୍ଦ୍ଦେଶନାମା ଗୁଡ଼ିକ ମଧ ସମସ୍ତ କର୍ପୋରେଟର ମାନଙ୍କୁ ଅଚଗତ କରାଯାଉଥିଚା ସେ ପ୍ରକାଶ କରିଥିଲେ ।

ଚିଭିନ୍ନ ୱାର୍ଡ଼ରେ ତଦନ୍ତ କାର୍ଯ୍ୟ ତଥା କାର୍ଡ଼ ଚଣ୍ଟନ ସମୟରେ ନିଗମର ଦାୟୀତ୍ୱରେ ରହିଥିଚା ଅଧିକାରୀ ମାନେ ଉପସ୍ଥିତ ରହୁନଥିଚା, ସଦସ୍ୟା ଶ୍ରୀଯୁକ୍ତା ପ୍ରଳୟା ଚେଉରା ଅଭିଯୋଗ କରିଥିଲେ ।

ଯେଉଁ ଅଯୋଗ୍ୟ ପରିବାରଙ୍କ ବିରୁଦ୍ଧରେ ଅଭିଯୋଗ ଗୁଡ଼ିକ ପ୍ରାପ୍ତ ହୋଇଛି, କେବଳ ଦାୟୀତ୍ୱରେ ରହିଥିଚା Nodal Officer ଙ୍କ ଦ୍ୱାରା Field Enquiry କରାଯାଇ, ସେମାନଙ୍କ ନାମକୁ ଏହି ପକ୍ରିୟାରୁ ଚାଦ ଦେଚା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା, କମିଶନର ସୂଚନା ଦେଇଥିଲେ ।

ସଦସ୍ୟା ସୁଶ୍ରୀ ରଞ୍ଜିତା ଚିଶ୍ୱାଳ ୱାର୍ଡ଼ର ଏକ ନିର୍ଦ୍ଦିଷ୍ଟ ପରିଚାରଙ୍କ ନାମରେ ୪ଟି କାର୍ଡ଼ ପ୍ରଦାନ କରାଯାଇଥିଚାର ଅଭିଯୋଗ ପ୍ରଦାନ କରାଯାଇଥିଲେ ମଧ ଏ ଦିଗରେ ଚର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଚାର ସୂଚନା ଦେଇଥିଲେ । ୱାର୍ଡ଼ର ଅନେକ ରେସନ କାର୍ଡ଼ ଚର୍ତମାନ ସୁଦ୍ଧା ଚଣ୍ଟନ କରାଯାଇପାରିନଥିବାରୁ ଏଥି ନିମନ୍ତେ ଅତିରିକ୍ତ ୩ଦିନ ଧାର୍ଯ୍ୟ କରାଯିଚାକୁ ମଧ ପ୍ରସ୍ତାଚ ଦେଇଥିଲେ । ସେ ମଧ ବିକାଶ ଭବନସ୍ଥିତ ରେସନ କାର୍ଡ଼ ପରିଚାଳନା ସେଣ୍ଟରଠାରେ ହିତାଧିକାରୀ ମାନଙ୍କୁ ଚିଭିନ୍ନ ସମୟରେ ଭୁଲ ତଥ୍ୟ ପ୍ରଦାନ କରାଯାଉଥିଚାରୁ, ଏ ଦିଗରେ ଚିଧିଚଦ୍ଧ ତଦନ୍ତ ଏଚଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାଚ ଦେଇଥିଲେ ।

ନିଗମର ରେସନ କାର୍ଡ଼ ଚଣ୍ଟନ ପକ୍ରିୟାରେ ଦାୟୀତ୍ୱରେ ରହିଥିଚା ଡେ଼ପୁଟି କମିଶନର ତଥା ଚସ୍ତି ଉନ୍ନୟନ ଅଧିକାରୀ, ଏହି ପକ୍ରିୟାରେ ଚର୍ତମାନ ସୁଦ୍ଧା ଗ୍ରହଣ କରାଯାଇଥିଚା ଚିଭିନ୍ନ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ କରିଥିଲେ । ସେ ମଧ ଚିଭିନ୍ନ ସମୟରେ ୱାର୍ଡ଼ ମାନଙ୍କରେ କାର୍ଡ଼ ଚଣ୍ଟନ ସମୟରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିଚା ସହଯୋଗ ନିମନ୍ତେ ଧନ୍ୟଚାଦ ଜ୍ଞାପନ କରିଥିଲେ ।

ଚିଭିନ୍ନ ୱାର୍ଡ଼ ମାନଙ୍କରେ ପ୍ରାୟ ୭୫ ଭାଗ ରେସନ କାର୍ଡ଼ ଚଣ୍ଟନ କାର୍ଯ୍ୟରେ ସମ୍ପୃକ୍ତ କର୍ପୋରେଟର ମାନେ ସହଯୋଗ ପ୍ରଦାନ କରିଥିବାରୁ ସଦସ୍ୟ ଶ୍ରୀଯୁକ୍ତ ଜୟଦେଚ ଜେନା ସମସ୍ତଙ୍କୁ ଧନ୍ୟଚାଦ ଜ୍ଞାପନ ଅର୍ପଣ କରିଥିଲେ । ବିଭିନ୍ନ ୱାର୍ଡ଼ର ରେସନ କାର୍ଡ଼ ବଣ୍ଟନ କେନ୍ଦ୍ର ମାନଙ୍କରେ ଅନେକ ଅଚ୍ୟଚସ୍ଥା ସୃଷ୍ଟି ହୋଇଥିଲେ ମଧ ସମ୍ପୃକ୍ତ କମ୍ୟୁନିଟି ଅର୍ଗାନାଇଜର ତଥା କର୍ପୋରେଟର ମାନଙ୍କ ସହଯୋଗରେ ଏହି କାର୍ଯ୍ୟ ସଠିକ ଭାବେ ପରିଚାଳିତ କରାଯାଇଥିବାରୁ ଧନ୍ୟଚାଦ ଜ୍ଞାପନ କରି ବିଭିନ୍ନ ୱାର୍ଡ଼ ମାନଙ୍କରେ ଅବଶିଷ୍ଟ କାର୍ଡ଼ ଗୁଡ଼ିକର ଚଣ୍ଟନ ନିମନ୍ତେ ଅତିରିକ୍ତ ଦିନ ଧାର୍ଯ୍ୟ କରାଯିଚାକୁ ପ୍ରସ୍ତାଚ ଦେଇଥିଲେ । ୱାର୍ଡ଼ର ପ୍ରାୟ ୯୫ ପ୍ରତିଶତ ଗରିବ ଓ ଯୋଗ୍ୟ ପରିବାର ମାନଙ୍କୁ ଏହି ରେସନ କାର୍ଡ଼ ପ୍ରଦାନ କରାଯାଇଥିଚା ଦୃଷ୍ଟିରୁ ଅଯୋଗ୍ୟ ପରିଚାର ମାନଙ୍କୁ ଚିହ୍ନଟ କରାଯାଇ, ସେମାନଙ୍କ ଚିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିଚା ନିମନ୍ତେ ମଧ ପ୍ରସ୍ତାଚ ଦେଇଥିଲେ । ଯେଉଁ ଯୋଗ୍ୟ ହିତାଧିକାରୀ ମାନଙ୍କ ନାମ ଚିଭିନ୍ନ

କାରଣରୁ ଜଟିଛି, ସେମାନେ ବିକାଶ ଭବନସ୍ଥିତ କେନ୍ଦ୍ରରେ ବହୁ ସଂଖ୍ୟାରେ ଆବେଦନ କରୁଥିବା ଦୃଷ୍ଟିରୁ, ଏହି କାର୍ଯ୍ୟ ନିମନ୍ତେ ଅତିରିକ୍ତ ପ୍ରକୋଷ୍ଠର ବ୍ୟବସ୍ଥା ଯଥାଶିଘ୍ର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ କର୍ପୋରେଟର ମାନଙ୍କ ନିମନ୍ତେ ବିକାଶ ଭବନ ଠାରେ ଏକ ସ୍ୱତନ୍ତ୍ର Cell ଖୋଲାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ ୱାର୍ଡ଼ ମଧରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଡ୍ରେନ ଉପରେ ବିନା ଅନୁମତିରେ ବିଭିନ୍ନ ସଂସ୍ଥା ମାନଙ୍କ ଦ୍ୱାରା ହୋଡ଼ିଙ୍ଗ ଗୁଡ଼ିକ ସ୍ଥାପନ କରାଯାଇଥିବାରୁ, ଏ ଗୁଡ଼ିକର ଉଚ୍ଛେଦ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ସମସ୍ତଙ୍କୁ ନୂତନ ବର୍ଷ ନିମନ୍ତେ ଅଭିନନ୍ଦନ ଜ୍ଞାପନ କରି, ବିଭିନ୍ନ ୱାର୍ଡ଼ରେ ରେସନ କାର୍ଡ଼ ନିମନ୍ତେ ହିତାଧିକାରୀ ଚୟନ ପକ୍ରିୟାରେ ସୃଷ୍ଟି ହୋଇଥିବା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଯେଉଁ ଯୋଗ୍ୟ ହିତାଧିକାରୀମାନେ ବର୍ତମାନ ଆବେଦନ କରିଛନ୍ତି, ସେମାନଙ୍କର ଯଥାଶିଘ୍ର Enquiry କରାଯାଇ, କାର୍ଡ଼ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ବିଭିନ୍ନ ୧୦ଟି ବାଇ-ଲ ସମ୍ପର୍କରେ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯାଇଥିବା CDର ଏକ ଓଡ଼ିଆ ଅନୁବାଦ କରାଯାଇ, ସମସ୍ତଙ୍କ ଅବଗତ ନିମନ୍ତେ ପ୍ରଦାନ ଏବଂ ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ୱାର୍ଡ଼ରେ ଆରମ୍ଭ କରାଯାଇଥିବା ମେଜର ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟର ଅବଧିକୁ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୨୦ ଲକ୍ଷ ଟଙ୍କାର ପ୍ୟାକେଜ ମଧରେ ବିଭିନ୍ନ ୱାର୍ଡ଼ର ଅନୁମୋଦନ କରାଯାଇଥିବା କାର୍ଯ୍ୟକୁ ଯଥାଶିଘ୍ର ଆରମ୍ଭ କରାଯିବାକୁ ପଦକ୍ଷେପ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । NUHM ଯୋଜନା ମାଧମରେ ନିଗମର ବିଭିନ୍ନ ଅଂଚଳରେ ପ୍ରସ୍ତାବିତ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ନିର୍ମାଣ କାର୍ଯ୍ୟର ବର୍ତମାନର ସ୍ଥିତି ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ସେ ମଧ ବକେୟା ରହିଥିବା ବୈଦ୍ୟୁତିକ Spare Parts ଗୁଡ଼ିକର ସଂଗ୍ରହଣ ନିମନ୍ତେ ଅନୁମୋଦନ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ନିଗମର ବୈଦ୍ୟୁତିକ ବିଭାଗର ଜଣେ କର୍ମଚାରୀଙ୍କ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣା ନିମନ୍ତେ ୨୫,୦୦୦ ଟଙ୍କା ପ୍ରୋତ୍ସାହନ ରାଶି କାଉନସିଲ ଦ୍ୱାରା ମଞ୍ଜୁର କରାଯାଇଥିବା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲାଇସେନ୍ସ ବିଭାଗ ଦ୍ୱାରା ବିଭିନ୍ନ ହୋଡ଼ିଙ୍ଗ ପଦର୍ଶନ ନିମନ୍ତେ ଆଗତ କରାଯାଇଥିବା ହୋଡ଼ିଙ୍ଗ ଲାଇସେନ୍ସ ଫି ବୃଦ୍ଧି କରାଯିବାର ଆବଶ୍ୟକତା ରହିଥିବାରୁ, ଯଥାଶିଘ୍ର ଏହି ପ୍ରସ୍ତାବର ଅନୁମୋଦନ କରାଯିବାକୁ ମତ ଦେଇଥିଲେ । ସେ ମଧ ଆସନ୍ତା ଏକ ମାସ ନିମନ୍ତେ ନିଗମର ସମସ୍ତ ୱାର୍ଡ଼ ମାନଙ୍କରେ ଫଗିଙ୍ଗ ଅପରେସନ ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ସୁଶ୍ରୀ ପ୍ରମିଳା ମହାନ୍ତି ରେସନ କାର୍ଡ଼ ପ୍ରସଙ୍ଗରେ କହିଥିଲେ ପୂର୍ବରୁ Suspect List-1,2,2A ଏବଂ 3 ମଧରେ Data Entry ସମସ୍ୟା ନିମନ୍ତେ ଅନେକ ଯୋଗ୍ୟ ହିତାଧିକାରୀ ରହିଥିବାରୁ, କ୍ଷେତ୍ର ପରିଦର୍ଶନ କରାଯାଇ ଯୋଗ୍ୟ ହିତାଧିକାରୀ ମାନେ ଯେଭଳି ଭାବେ ରେସନ କାର୍ଡ଼ ପାଇପାରିବେ ସେ ଦିଗରେ ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରାଯାଉ । ସେ ମଧ ଏ ଦିଗରେ ଲିଖିତ ଅଭିଯୋଗ ଦାୟୀତ୍ୱରେ ରହିଥିବା ସମ୍ପୃକ୍ତ ଅଧିକାରୀ ତଥା କମିଶନରଙ୍କ ଦୃଷ୍ଟିକୁ ଆଣିଥିବା ପ୍ରକାଶ କରିଥିଲେ । ୱାର୍ଡ଼ର ପ୍ରାୟ ୮୦ ଜଣ ଗରିବ ପୂର୍ବରୁ ଅନ୍ତୋଦୟ ଅନ୍ନ ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିଲେ ମଧ, ବର୍ତମାନ ସେମାନଙ୍କୁ ନୂତନ କାର୍ଡ଼ ପ୍ରଦାନ କରାଯାଇନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ୱାର୍ଡ଼ ମଧରେ ବିଭିନ୍ନ ଭତା ବାବଦରେ Arrear Dues ଗୁଡ଼ିକ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ନମିତା ବାରିକ ୱାର୍ଡ଼ର ରେସନ କାର୍ଡ଼ ତାଲିକା ମଧରେ ଅନ୍ୟ ୱାର୍ଡ଼ର କେତେକ ହିତାଧିକାରୀ ମାନଙ୍କ ନାମ ସ୍ଥାନୀତ କରାଯାଇଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ରେ ବର୍ତମାନ ସୁଦ୍ଧା ୧୦୫୦ କାର୍ଡ଼ ମଧରୁ କେବଳ ୫୨୩ଟି କାର୍ଡ଼ ବଣ୍ଟାଯାଇଥିବାରୁ ବକେୟା କାର୍ଡ଼ ଗୁଡ଼ିକର ବଣ୍ଟନ ନିମନ୍ତେ ଅତିରିକ୍ତ ଦିନ ଧାର୍ଯ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପୂର୍ବରୁ ଅନ୍ତୋଦୟ ଅନ୍ନ ଯୋଜନାରେ ଥିବା ହିତାଧିକାରୀ ମାନଙ୍କ କାର୍ଡ଼କୁ ଏହି ଯୋଜନା ମଧରେ ସାମିଲ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ ମଧରେ ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ Enquiry କରାଯାଇ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ର କେତେକ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ କାର୍ଡ଼ ପ୍ରଦାନ କରାଯାଇଥିବାରୁ, ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯାଇ ଉକ୍ତ କାର୍ଡ଼ ଗୁଡ଼ିକ ନାକଚ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଜାଇକା କର୍ତୃପକ୍ଷ ୱାର୍ଡ଼ ମଧରେ କରାଯାଇଥିବାର କାର୍ଯ୍ୟ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରୁନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ୱାର୍ଡ଼ର କେତେକ ହିତାଧିକାରୀ ମାନଙ୍କର ନାମ DPL ତାଲିକାରେ ନଥାଇ, କେତେକ ଡ଼ିଲର ମାନଙ୍କ ତାଲିକାରେ ରହିଥିବାର ଅଭିଯୋଗ ସଦସ୍ୟା ସୁଶ୍ରୀ ରଞ୍ଜିତା ବିଶ୍ୱାଳ କହିଥିଲେ ଏବଂ ଏ ଦିଗରେ ବିଧିବଦ୍ଧ ତଦନ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର

ଜଣେ ଫାଇଲେରିଆ କୁଲୀଙ୍କ ଅବସର ଯୋଗୁଁ ଉକ୍ତ ସ୍ଥାନକୁ ପୂରଣ ନିମନ୍ତେ ଅବଗତ କରାଯାଇଥିଲେ ମଧ୍ୟ, ଏ ଦିଗରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓ୍ୱାର୍ଡ଼ ମଧ୍ୟରେ ଜାଇକା କର୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ ତଥା ବର୍ତ୍ତମାନ ସୁଦ୍ଧା ବକେୟା ରହିଥିବା ଅନେକ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାନ ଓ୍ୱାର୍ଡ଼ ମଧ୍ୟରେ ନିକଟରେ ଅଗ୍ନିକାଣ୍ଡ କାରଣରୁ ୧୫ ଗୋଟି ପରିବାରଙ୍କ ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବା ଏବଂ ଏଭଳି ଏକ ଅଭାବନୀୟ ପରିସ୍ଥିତିରେ ମାନ୍ୟବର ବିଧାୟକ, ମେୟର ତଥା କମିଶନରଙ୍କ ଉପସ୍ଥିତିରେ ସେମାନଙ୍କ ନିମନ୍ତେ ଖାଦ୍ୟପେୟ ତଥା ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥା କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସେ ମଧ୍ୟ ଯଥାଶିଘ୍ର ଜିଲ୍ଲାପାଳଙ୍କ ସହାୟତାରେ ବିପନ୍ନ ଲୋକମାନଙ୍କ ନିମନ୍ତେ ନିୟମିତ ଖାଦ୍ୟର ବ୍ୟବସ୍ଥା କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ୍ୟ ଓ୍ୱାର୍ଡ଼ ମଧ୍ୟରେ ରେସନ କାର୍ଡ଼ ବଣ୍ଟନ କେନ୍ଦ୍ରରେ ଅନ୍ୟ ଓ୍ୱାର୍ଡ଼ର ଲୋକ ମାନଙ୍କର କାର୍ଡ଼ ଆସିଥିବାରୁ , ଏ ଦିଗରେ ସଂଶୋଧନ କରାଯିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ । ଓ୍ୱାର୍ଡ଼ର ଅନେକ ହିତାଧିକାରୀ ମାନଙ୍କର ନାମ ତାଲିକା ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇଥିଲେ ମଧ୍ୟ ସେମାନଙ୍କର କାର୍ଡ଼ ଗୁଡ଼ିକ ନଆସିଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓ୍ୱାର୍ଡ଼ର ଅନେକ ବିଧବା ଏବଂ ପୂର୍ବରୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କୁ କାର୍ଡ଼ ପ୍ରଦାନ କରାଯାଇନଥିବାର ଅଭିଯୋଗ ମଧ୍ୟ କରି, ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ନିବେଦନ କରିଥିଲେ । ଓ୍ୱାର୍ଡ଼ ମଧ୍ୟରେ ଅନେକ ଅଯୋଗ୍ୟ ଲୋକମାନଙ୍କୁ କାର୍ଡ଼ ପ୍ରଦାନ କରାଯାଇଥିବା ଦୃଷ୍ଟିରୁ ତଦନ୍ତ କରାଯାଇ, ଏଭଳି ଅଯୋଗ୍ୟ ଲୋକମାନଙ୍କର କାର୍ଡ଼ ଗୁଡ଼ିକ ରଦ୍ଦ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଓ୍ୱାର୍ଡ଼ ମଧ୍ୟରେ ରାଜୀବ ଆଓ୍ୱାସ ଯୋଜନା ମାଧ୍ୟମରେ ବାସଗୃହ ନିର୍ମାଣ କରାଯାଉଥିବା କାର୍ଯ୍ୟକ୍ରମକୁ ତଦାରଖ କରାଯାଇ ତ୍ୱରାନ୍ୱିତ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ଓ୍ୱାର୍ଡ଼ରେ ଡ୍ରେନ ମାନଙ୍କର ପଙ୍କ ଉଦ୍ଧାର କାର୍ଯ୍ୟକୁ ପ୍ରତ୍ୟେକ ଓ୍ୱାର୍ଡ଼ରେ ଅତିରିକ୍ତ ୧ ମାସ ନିମନ୍ତେ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ କମ୍ୟୁନିଟି ଲାଟରିନ ଗୁଡ଼ିକର ନିର୍ମାଣ ପ୍ରସ୍ତାବକୁ ତ୍ୱରାନ୍ୱିତ ଏବଂ ବୈଠକରେ କର୍ପୋରେଟର ମାନେ ବିଭିନ୍ନ ସମୟରେ ଉପସ୍ଥାପନ କରୁଥିବା ପ୍ରସ୍ତାବ ଗୁଡ଼ିକ ଅନୁଧ୍ୟାନ କରାଯାଇ ଯଥାଶିଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁମୋଦନ କରାଯାଇଥିବା ୨୦ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର ଆରମ୍ଭ କରାଯିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ । ରାସନ କାର୍ଡ଼ ପ୍ରସଙ୍ଗରେ ତାଲିକା ପ୍ରସ୍ତୁତିରେ ସ୍ଥାନୀୟ କର୍ପୋରେଟରଙ୍କ କୌଣସି ଭୂମିକା ନଥିବା ସମ୍ପର୍କରେ ଜନସାଧାରଣଙ୍କ ଅବଗତ ନିମନ୍ତେ ଏକ ବିଜ୍ଞପ୍ତି ପ୍ରକାଶ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ରେସନ କାର୍ଡ଼ ପକ୍ରିୟାରେ କମ୍ପ୍ୟୁଟର ଲ୍ୟାବ ଦ୍ୱାରା କରାଯାଇଥିବା ତ୍ରୁଟି ଗୁଡ଼ିକ ଯଥାଶିଘ୍ର ସଂଶୋଧନ କରାଯାଇ, ଉପଯୁକ୍ତ ହିତାଧିକାରୀ ମାନଙ୍କୁ ରେସନ କାର୍ଡ଼ ପ୍ରଦାନର ବ୍ୟବସ୍ଥା କରାଯିବାକୁ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ ଓ୍ୱାର୍ଡ଼ର କେତେକ ହିତାଧିକାରୀ ମାନଙ୍କ ନାମ Desk Review Committee ଦ୍ୱାରା ଯାଂଚ କରାଯାଇଥିଲେ ମଧ୍ୟ ସେ ଗୁଡ଼ିକର ସୁପାରିଶ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଇ ନଥିବାର ଅଭିଯୋଗ କରିଥିଲେ । ୫୬, ୫୭, ୫୮ ଏବଂ ୫୯ ନମ୍ବର ଓ୍ୱାର୍ଡ଼ ମାନଙ୍କରେ ଡ଼ିଲର ମାନଙ୍କର ପୂର୍ବରୁ ବ୍ଲକ କୋଡ଼ ରହିଥିବାରୁ, ଉକ୍ତ ଓ୍ୱାର୍ଡ଼ ମାନଙ୍କରେ ଅନେକ ହିତାଧିକାରୀ ମାନଙ୍କର ଡ଼ିଲର ପରିବର୍ତ୍ତନ କରାଯାଇଥିବାରୁ, ଏ ଦିଗରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିକାଶ ଭବନରେ RCM Centre ନିମନ୍ତେ ଅତିରିକ୍ତ ପ୍ରକୋଷ୍ଠ ତଥା କର୍ମଚାରୀଙ୍କ ନିୟୋଜନର ବ୍ୟବସ୍ଥା କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ ଓ୍ୱାର୍ଡ଼ର ରେସନ କାର୍ଡ଼ ପ୍ରଦାନ ନିମନ୍ତେ ହିତାଧିକାରୀ ମାନଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖାଯାଇ, ଅତିରିକ୍ତ ଏକ ଦିନ ନିମନ୍ତେ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଭିନ୍ନ ଓ୍ୱାର୍ଡ଼ ମଧ୍ୟରେ ବର୍ତ୍ତମାନ କରାଯାଉଥିବା Fogging Operation ରେ ବର୍ତ୍ତମାନ ଧୂଆଁ ଗୁଡ଼ିକ ଉଡ଼ିଯାଉଥିବାରୁ, ବର୍ତ୍ତମାନ ନିମନ୍ତେ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ନିମନ୍ତେ ତତ୍କାଳ ସେବା ଆରମ୍ଭ କରାଯିବାକୁ ଆଗତ ପ୍ରସ୍ତାବକୁ ବାତିଲ କରାଯିବା ନିମନ୍ତେ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରତ୍ୟେକ ହିତାଧିକାରୀ ମାନଙ୍କୁ ତୁରନ୍ତ ପ୍ରଦାନର ବ୍ୟବସ୍ଥା କରାଯିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଓ୍ୱାର୍ଡ଼ର ଏନ୍.ତୁଳସୀ ନାମକ ଜଣେ ମହିଳା ୧୫ ଦିନ ତଳର ସ୍ୱାମୀଙ୍କ ମୃତ୍ୟୁର ସହାୟତା ରାଶି ବର୍ତ୍ତମାନ ସୁଦ୍ଧା ପାଇନଥିବାର ଅଭିଯୋଗ ମଧ୍ୟ କରିଥିଲେ । ଜାଇକା ପ୍ରକଳ୍ପ କାର୍ଯ୍ୟରେ ବିଭିନ୍ନ ଅଂଚଳରେ ନାଳ ମଧ୍ୟରେ ପଡୁଥିବା ମାଟି ଗୁଡ଼ିକ ସମ୍ପୃକ୍ତ ସଂସ୍ଥାଙ୍କ ଦ୍ୱାର ଉଠାଯିବାର ବ୍ୟବସ୍ଥା କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ରାଜୀବ ଆଓ୍ୱାସ ଯୋଜନା ମାଧ୍ୟମରେ କରାଯାଉଥିବା କାର୍ଯ୍ୟ ଗୁଡ଼ିକ ନିୟମିତ ବ୍ୟବଧାନରେ ତଦାରଖ ଏବଂ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ରାଜ କୁମାର ସ୍ୱାଇଁ, ରେସନ କାର୍ଡ଼ ପ୍ରଦାନ କ୍ଷେତ୍ରରେ ବିଭିନ୍ନ ହିତାଧିକାରୀ ମାନେ ପ୍ରଦାନ କରିଥିବା ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ ନୁତନ ରେସନ କାର୍ଡ଼ ପ୍ରଦାନ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ୱାର୍ଡ଼ ମାନଙ୍କରେ ବକେୟା ରହିଥିବା ରେସନ କାର୍ଡ଼ ଗୁଡ଼ିକର ବଣ୍ଟନ ନିମନ୍ତେ ଅତିରିକ୍ତ ଦିନ ଧାର୍ଯ୍ୟ କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବଳିତ କାଉନସିଲର ଅବଧି ମଧ୍ୟରେ କେବଳ ୱାର୍ଡ଼ ୱାରୀ ୧୫ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଥିବାରୁ, ଅନୁମୋଦନ କରାଯାଇଥିବା ୨୦ ଲକ୍ଷ ଟଙ୍କା ପ୍ୟାକେଜ ମଧ୍ୟରେ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୫୫,୫୬,୫୭,୫୮ ଏବଂ ୫୯ ୱାର୍ଡ଼ର ଜନସାଧାରଣ ମାନଙ୍କର ଜନଶୁଣାଣି ସମୟରେ ପ୍ରାପ୍ତ ହୋଇଥିବା ଅଭିଯୋଗ ଗୁଡ଼ିକର ଆଧାରରେ ଉକ୍ତ ଅଂଚଳର ଅତ୍ୟାବଶ୍ୟକ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ସେ ମଧ ଯଥାଶିଘ୍ର ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ବିଭିନ୍ନ ଅଂଚଳରେ ମଶାବଂଶର ପ୍ରତିରୋଧ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିଜୟ କୁମାର ସାହୁ ୱାର୍ଡ଼ର ରାଣୀହାଟ କେନାଲ କୂଳଠାରେ ରହିଥିବା ନିଗମ ଜମିରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତାବ ଆଗତ କରାଯାଇ ଆଲୋଚନା କରାଯାଇଥିବା ଦୃଷ୍ଟିରୁ, ଯଥାଶିଘ୍ର ଏଥିପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇ ହିତାଧିକାରୀ ଚୟନ ପକ୍ରିୟା ନିମନ୍ତେ ଆବେଦନ ପତ୍ର ଆହ୍ୱାନ ସହ, ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ନିଗମ ଅଂଚଳରେ ବିଗତ ଦିନରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ବିଶେଷକରି ପୂର୍ବାଂଚଳରେ ପ୍ରସ୍ତାବିତ କମ୍ୟୁନିଟି ହଲ ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ପ୍ରଳୟା ବେଉରା ବିଭିନ୍ନ ୱାର୍ଡ଼ର ପ୍ରକଳ୍ପ ୱାରୀ ଖର୍ଚ୍ଚ ଅଟକଳକୁ ଅନୁଧ୍ୟାନ କରାଯାଇ, ନିର୍ଦ୍ଦିଷ୍ଟ ଭାବେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଖର୍ଚ୍ଚ ଅଟକଳକୁ ମଞ୍ଜୁର କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ ବିଭିନ୍ନ ୱାର୍ଡ଼ ମଧ୍ୟରେ ଯେଉଁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବାଦ ଦିଆଯାଇଛି, ସେମାନେ କେତେଦିନ ମଧ୍ୟରେ ସେମାନଙ୍କର ରେସନ କାର୍ଡ଼ ପାଇପାରିବେ, ସେ ଦିଗରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ୱାର୍ଡ଼ ମଧ୍ୟରେ ବକେୟା ରହିଥିବା ପ୍ରାୟ ୨୭୦ଟି ରେସନ କାର୍ଡ଼ ବଣ୍ଟନ ନିମନ୍ତେ ଅତିରିକ୍ତ ଦିନ ଧାର୍ଯ୍ୟ କରାଯିବାକୁ ଅନୁରୋଧ କରି ଅନ୍ତୋଦୟ ଅନ୍ନ ଯୋଜନାରେ ବଂଚିତ ହୋଇଥିବା ହିତାଧିକାରୀ ମାନଙ୍କୁ ମଧ ଏହି ପକ୍ରିୟାରେ ଯଥାଶିଘ୍ର ସାମିଲ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ନିବେଦନ କରିଥିଲେ । ୱାର୍ଡ଼ ମଧ୍ୟରେ ଥିବା ସହିଦ ପାର୍କ ମଧ୍ୟରେ ବିଭିନ୍ନ ଋତୁ ଅନୁଯାୟୀ ଫୁଲଚାରା ରୋପଣ ତଥା ମାଳୀ ଓ ଜଗୁଆଳୀର ନିଯୁକ୍ତିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ୱାର୍ଡ଼ ମଧ୍ୟରେ ପ୍ରସ୍ତାବିତ ଶୌଚାଳୟ ନିର୍ମାଣ କାର୍ଯ୍ୟକୁ ସମ୍ପୃକ୍ତ ସଂସ୍ଥାଙ୍କ ମାଧ୍ୟମରେ ତ୍ୱରାନ୍ୱିତ କରାଯିବାକୁ ମଧ ଦୃଷ୍ଟି ଆକର୍ଷଣ କରିଥିଲେ । ସାମିଆ ପୋଖରୀ ଜମି ଅଧିଗ୍ରହଣ ଓ ଡ୍ରେନ ନିର୍ମାଣ ପ୍ରସଙ୍ଗରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯିବା ନିମନ୍ତେ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ର ମାତାମଠ ଠାରେ ବିସ୍ତିର୍ଣ୍ଣ ସରକାରୀ ଜମି ରହିଥିବାରୁ, ସେଠାରେ ଅନୁଧ୍ୟାନ କରାଯାଇ ଏକ ଭେଣ୍ଡିଙ୍ଗ ଯୋନ ନିର୍ମାଣ କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର ଏକ ସ୍ଥାନରେ Pay & Use ଶୌଚାଳୟ ନିର୍ମାଣ ନିମନ୍ତେ ପୂର୍ବରୁ କାଉନସିଲ ଦ୍ୱାରା ଅନୁମୋଦନ କରାଯାଇଥିବା ଦୃଷ୍ଟିରୁ ଯଥାଶିଘ୍ର ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ ନିମନ୍ତେ ନିୟୋଜିତ ୩୧ ଜଣ ସୁଇପର ମଧ୍ୟରୁ ବର୍ତମାନ କେବଳ ୨୧ ଜଣ ସୁଇପର ଆସୁଥିବାରୁ, ଯଥାଶିଘ୍ର ଅବଶିଷ୍ଟ ସୁଇପର ନିୟୋଜନର ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ । ପୂର୍ବରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ସୁଇପର ମାନଙ୍କ ନିମନ୍ତେ ଟ୍ରାଇ-ସାଇକେଲ ଏବଂ ଅତିରିକ୍ତ ବୈଦ୍ୟୁତିକ ଖୁଣ୍ଟର ବ୍ୟବସ୍ଥା କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ । ନିଗମର କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଜରୁରୀ କାଳୀନ ପରିସ୍ଥିତିରେ ଆବଶ୍ୟକୀୟ କାର୍ଯ୍ୟ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କରାଯାଉଥିବାରୁ, ଏହି ପଦକ୍ଷେପ ନିମନ୍ତେ କମିଶନରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା ସମସ୍ତଙ୍କୁ ନୂତନ ବର୍ଷ ଅଭିନନ୍ଦନ ଜ୍ଞାପନ କରି, ରେସନ କାର୍ଡ଼ ପ୍ରଦାନ କ୍ଷେତ୍ରରେ ଦୃଷ୍ଟିକୁ ଆସିଥିବା ତ୍ରୁଟି ଗୁଡ଼ିକ ସଂଶୋଧନ କରାଯାଇ ଆଇନ ସମତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ବିଭିନ୍ନ ୱାର୍ଡ଼ରେ Unhold ତାଲିକା ମଧ୍ୟରେ ରହିଥିବା ହିତାଧିକାରୀ ମାନଙ୍କୁ Enquiry ମାଧ୍ୟମରେ Regularise କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ । ଅନ୍ତୋଦୟ ଅନ୍ନ ଯୋଜନାରେ ପୂର୍ବରୁ ରହିଥିବା ହିତାଧିକାରୀ ମାନଙ୍କୁ ମଧ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ମଧ୍ୟରେ ଅର୍ନ୍ତଭୂକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ନିମନ୍ତେ ତତ୍କାଳ ସେବାକୁ ବନ୍ଦ କରାଯିବାକୁ ମଧ

ପ୍ରସ୍ତାବ ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ୱାର୍ଡ଼ ମାନଙ୍କର ଜନସଂଖ୍ୟାର ଆଧାରରେ ସମ୍ପୃକ୍ତ ୱାର୍ଡ଼ ନିମନ୍ତେ ପାଣିର ବ୍ୟବସ୍ଥା କରାଯିବା ନିମନ୍ତେ ଚିନ୍ତା କରାଯାଉଥିବା ପ୍ରସ୍ତାବ ସମ୍ପର୍କରେ ସୂଚନା ପ୍ରଦାନ କରି, ଏହି ବ୍ୟବସ୍ଥାକୁ ବିରୋଧ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ କଟକ ସହରର ସାମୁହିକ ବିକାଶ ଦିଗରେ ଭିତି ପ୍ରସ୍ତର ସ୍ଥାପନ କରାଯାଇଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ଅଗ୍ରାଧିକାର ଭିତିରେ ଆରମ୍ଭ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ବିଭିନ୍ନ ସମୟରେ ନିଗମ ଅଂଚଳରେ ବିଭିନ୍ନ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ (Central Projects) ଗୁଡ଼ିକ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ବିଭିନ୍ନ ଅଂଚଳରେ ନୂତନ ଡ୍ରେନ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଗୁଡ଼ିକ V Shape ଆକାରରେ କରାଯାଇ ଡ୍ରେନର ଶେଷ ଭାଗରେ VAT ନିର୍ମାଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଜାଇକା କର୍ତୃପକ୍ଷଙ୍କ ଦ୍ୱାରା MSWC-I ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ବିଭିନ୍ନ ଆଇନଗତ ସମସ୍ୟା ସୃଷ୍ଟି ହୋଇ ବର୍ତମାନ କାର୍ଯ୍ୟ ସ୍ଥଗିତ ରଖାଯାଇଥିବାର ସୂଚନା ପ୍ରଦାନ କରି, ଏ ଦିଗରେ ତଥ୍ୟସଂଗ୍ରହ ଏବଂ ଅନୁସନ୍ଧାନ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ୱାର୍ଡ଼ ମାନଙ୍କରେ ଅନ୍ତୋଦୟ ଅନ୍ନ ଯୋଜନାରେ ପୂର୍ବରୁ ରହିଥିବା ହିତାଧିକାରୀ ମାନଙ୍କୁ ଖାଦ୍ୟ ସୁରକ୍ଷା ମଧରେ ଅର୍ନ୍ତଭୁକ୍ତ କରାଯିବା, ମାସରେ ଅତ୍ୟନ୍ତ ପକ୍ଷେ ୨ଦିନ କାଉନସିଲ ବୈଠକ ଡ଼କାଯିବା ଏବଂ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ବିଭିନ୍ନ ୱାର୍ଡ଼ର ୨୦ ଲକ୍ଷ ଟଙ୍କା ପ୍ୟାକେଜ ମଧରେ ଯଥାଶିଘ୍ର କାର୍ଯ୍ୟାଦେଶ ପ୍ରଦାନ ନିମନ୍ତେ ସେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ସମୟରେ ସନ୍ଧ୍ୟା ସେଲିବ୍ରେସନ ସମ୍ପର୍କରେ ବାରମ୍ବାର ପ୍ରଶ୍ନ ଉପସ୍ଥାପନା କରାଯାଉଥିଲେ ମଧ ଏ ଦିଗରେ କୌଣସି ସ୍ପଷ୍ଟିକରଣ ପ୍ରଦାନ କରାଯାଉନଥିବାର ଅଭିଯୋଗ କରିଥିଲେ । ସେହିପରି ଜାତୀୟ ରାଜପଥ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପ୍ରସଙ୍ଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାର ଅଭିଯୋଗ ମଧ କରିଥିଲେ ଏବଂ ଏହି କାର୍ଯ୍ୟ ନିମନ୍ତେ ଯଥାଶିଘ୍ର NHAI ଙ୍କ ସହିତ ଏକ ସମିକ୍ଷା ବୈଠକ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ନିମନ୍ତେ ତତ୍‌କାଳ ସେବା ଯୋଗାଇ ଦେବା ପାଇଁ ନିଗମ ଦ୍ୱାରା ୨୦୦ ଟଙ୍କା ୟୁଜର୍ସ ଫି ଆଦାୟ କରିବା ନିମନ୍ତେ ଆଗତ ପ୍ରସ୍ତାବକୁ ସେ ମଧ ସ୍ୱାଗତ କରିଥିଲେ । ବିଭିନ୍ନ ବକେୟା ଭତା ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ପ୍ରଦାନ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ କାଉନସିଲ ଦ୍ୱାରା ଅନୁମୋଦନ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ ନିଗମର ବିଭିନ୍ନ ଅଂଚଳରେ ଅଙ୍ଗନୱାଡ଼ୀ କେନ୍ଦ୍ର ଗୁଡ଼ିକ ଅତ୍ୟନ୍ତ ଭଗ୍ନ ଅବସ୍ଥାରେ ରହିଥିବା ଦୃଷ୍ଟିରୁ, ଏହାର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଧାର୍ଯ୍ୟ କରାଯାଇଥିବା ୫ ଲକ୍ଷ ଟଙ୍କା ମଧରେ ନୂତନ ଅଙ୍ଗନୱାଡ଼ୀ କେନ୍ଦ୍ର ଗୁଡ଼ିକ ସମ୍ପୂର୍ଣ୍ଣ ହେଉନଥିବାରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବର୍ତମାନ ୱାର୍ଡ଼ର ବାଦାମବାଡ଼ି ଅଂଚଳରେ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁଥିବାରୁ ନିୟମିତ ଭାବେ ୱାର୍ଡ଼ର ଅଳିଆ ଆବର୍ଜନା ତଥା ମାଟି ଉଠାଯିବା ନିମନ୍ତେ ଟ୍ରାକ୍ଟର ପଠାଯିବାର ବ୍ୟବସ୍ଥା କରାଯିବାକୁ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ AMRUT ଯୋଜନା ମାଧମରେ ଅନୁମୋଦନ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଗିରିବାଳା ବେହେରା ରାତ୍ରୀ ଆଶ୍ରୟସ୍ଥଳ ଗୁଡ଼ିକର ଯଥାଶିଘ୍ର କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଗମ ଅଂଚଳରେ ରହିଥିବା ବିଭିନ୍ନ ପାର୍କ ଗୁଡ଼ିକର ଅବସ୍ଥା ଅନୁଧ୍ୟାନ କରାଯାଇ ଏ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତ ଏ.ଶ୍ରୀଦେବୀ ହାଡ଼ିଆପଠା ଠାରେ ତେଲୁଗୁ ସମ୍ପ୍ରଦାୟଙ୍କ ନିମନ୍ତେ ଉଦ୍ଦିଷ୍ଟ ଶ୍ମସାନର Boundary Wall ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଇଥିବାରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପୂର୍ବରୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଯଥାଶିଘ୍ର କୁକୁର ବନ୍ଧ୍ୟାକରଣ ଯୋଜନାର କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର ବିଭିନ୍ନ ହିତାଧିକାରୀ ମାନଙ୍କୁ ରେସନ କାର୍ଡ଼ ଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧରେ ବଣ୍ଟନ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରି, ୱାର୍ଡ଼ର ଅବଶିଷ୍ଟ ଯୋଗ୍ୟ ହିତାଧିକାରୀ ଯେଉଁ ମାନେ ଏହି ପ୍ରକ୍ରିୟାରେ ବାଦ ପଡ଼ିଛନ୍ତି, ସେମାନଙ୍କର ଅଭିଯୋଗ ଗୁଡ଼ିକ ଯଥାଶିଘ୍ର ବିଚାର କରାଯାଇ, ନୂତନ ରେସନ କାର୍ଡ଼ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ଅନୁରୋଧ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ ସିଡ଼ିଏ ଅଂଚଳରେ "G" Plot ମଧ୍ୟରେ ଘର କରିଥିବା ଲୋକମାନଙ୍କୁ ରେସନ କାର୍ଡ଼ ପ୍ରଦାନ ସମ୍ପର୍କରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ୱାର୍ଡ଼ର ଅନ୍ତୋଦୟ ଅନ୍ନ ଯୋଜନାରେ ପୂର୍ବରୁ ଥିବା ଅନେକ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ର ଇମାମପଡ଼ା ବସ୍ତି ମଧ୍ୟରେ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସମାଧିସ୍ଥଳକୁ ପରିଷ୍କାର ଏବଂ ବେଆଇନଭାବେ ଜବର ଦଖଲକୁ ଉଚ୍ଛେଦ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ ମଧ୍ୟରେ ଥିବା ହଇରାଣପୁର କମ୍ୟୁନିଟି ସେଣ୍ଟରର ଆବଶ୍ୟକୀୟ ମରାମତି ଓ ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ମଧ୍ୟ ପ୍ରସ୍ତାବ ଆଗତ କରିଥିଲେ । ୱାର୍ଡ଼ ମଧ୍ୟରେ ଥିବା କନ୍‌ସ୍ୟୁମର ଫୋରମ ରାସ୍ତାର ଅବରୋଧ ହଟାଯାଇ ଏହାର ଅଳିଆ ଆବର୍ଜନା ଗୁଡ଼ିକ ସଫା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପେଟାନାଳ ରାସ୍ତାରେ ବୈଦ୍ୟୁତିକ ଆଲୋକ ସ୍ଥାପନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ମଧ୍ୟ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ ମଧ୍ୟରେ ଥିବା ସିଡ଼ିଏ ଅଧିନରେ ରହିଥିବା ପାର୍କର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ସିଡ଼ିଏ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । କାଇନ ହାଉସର ଅଳିଆ ଆବର୍ଜନା ଗୁଡ଼ିକ ସତୀଚୌରା ଶ୍ମସାନ ମଧ୍ୟକୁ ପକାଯାଉଥିବା ଦୃଷ୍ଟିରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ ୱାର୍ଡ଼ର ଦାୟୀତ୍ୱରେ ରହିଥିବା କମ୍ୟୁନିଟି ଅର୍ଗାନାଇଜରଙ୍କୁ ବଦଳୀ କରାଯାଇ ଅନ୍ୟଜଣେ କମ୍ୟୁନିଟି ଅର୍ଗାନାଇଜରଙ୍କୁ ଦାୟୀତ୍ୱରେ ରଖାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ୱାର୍ଡ଼ର ପ୍ରସ୍ତାବିତ ଭେଣ୍ଡିଙ୍ଗ ଯୋନର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ବେହେରା କଲୋନୀସ୍ଥିତ ଅଙ୍ଗନୱାଡ଼ୀ କେନ୍ଦ୍ରକୁ କୌଣସି ପିଲା ଆସୁନଥିବାରୁ, ଏହି କେନ୍ଦ୍ରକୁ ବନ୍ଦ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ସୁପାରିଶ ଅନୁଯାୟୀ ଯଥାଶିଘ୍ର NHAI ଏବଂ Irrigation Department ର ନିର୍ବାହୀ ଯନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ନିଗମର ବିଜୁ ଭବନ ଓ ବିକାଶ ଭବନଠାରେ Wi-Fi ସେବା ଉପଲବ୍ଧ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ ମଧ୍ୟରେ ଥିବା କବରସ୍ଥାନର ପ୍ରାଚେରୀ ନିର୍ମାଣ କରାଯିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ଗତ କାଉନସିଲ ବୈଠକରେ ପ୍ରଦାନ କରିଥିବା ପ୍ରସ୍ତାବ ଗୁଡ଼ିକ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନଥିବାର ଅଭିଯୋଗ କରିଥିଲେ । ୱାର୍ଡ଼ର ଶ୍ରୀରାମ ନର୍ସିଂ ହୋମ ପଛପଟେଥିବା ନାଳ ନିର୍ମାଣ କାର୍ଯ୍ୟ କେତେକ ଘରୋଇ ଜମି ସମସ୍ୟା ନିମନ୍ତେ ଅଧାରୁ ବନ୍ଦ କରାଯାଇଥିବା ଦୃଷ୍ଟିରୁ, ଯଥାଶିଘ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ନମିତା ବାରିକ ୱାର୍ଡ଼ ମଧ୍ୟରେ ଥିବା ଶୌଚାଳୟ ନିମନ୍ତେ ଏକ ଜଗୁଆଳୀର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ।

ବୈଠକରେ ବିଭିନ୍ନ କର୍ପୋରେଟର ମାନଙ୍କ ଦ୍ୱାରା ଉପସ୍ଥାପନା କରାଯାଇଥିବା ମୁଖ୍ୟ ସମସ୍ୟା ଗୁଡ଼ିକ ସମ୍ପର୍କରେ କମିଶନରଙ୍କ ଦ୍ୱାରା ସ୍ପଷ୍ଟି କରଣ ପ୍ରଦାନ କରାଯାଇଥିଲା । ବାଦାମବାଡ଼ିସ୍ଥିତ ରାତ୍ରୀ ଆଶ୍ରୟସ୍ଥଳ ୮ ଦିନ ହେଲା କାର୍ଯ୍ୟକ୍ଷମ ହୋଇଥିବାର ସେ ମଧ୍ୟ ସୂଚନା ପ୍ରଦାନ କରିଥିଲେ ଏବଂ କାଠଗୋଲାସ୍ଥିତ ରାତ୍ରୀ ଆଶ୍ରୟସ୍ଥଳର ବକେୟା ରହିଥିବା ଅବଶିଷ୍ଟ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇ, ଯଥାଶିଘ୍ର କାର୍ଯ୍ୟକ୍ଷମ କରାଯିବାର ବ୍ୟବସ୍ଥା କରାଯାଉଥିବା ସେ ପ୍ରକାଶ କରିଥିଲେ । NBCC ଦ୍ୱାରା କରାଯିବାକୁ ଥିବା ଶୌଚାଳୟ ନିର୍ମାଣ ନିମନ୍ତେ କେତେକ ସ୍ଥାନରେ Site Problem ରହିଥିବାରୁ, ଉକ୍ତ ସଂସ୍ଥାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତାଲିକା ଅନୁଯାୟୀ ଅବଶିଷ୍ଟ ସ୍ଥାନରେ ଏ ଗୁଡ଼ିକରେ ନିର୍ମାଣ କାର୍ଯ୍ୟ କରାଯିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ସନ୍ଧ୍ୟା ସେଲିବ୍ରେସନ କେଶଟି ମାନ୍ୟବର ଅଦାଲତରେ ବିଚାରାଧିନଥିବାରୁ ଏହି ଜମିର Records of Rights correction ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ବିଭିନ୍ନ ଅଙ୍ଗନୱାଡ଼ୀ କେନ୍ଦ୍ର ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ ତଥା ନୂତନ ନିର୍ମାଣ କାର୍ଯ୍ୟର ଅତିରିକ୍ତ ଖର୍ଚ୍ଚକୁ କେବଳ ଉକ୍ତ ଅନୁଦାନରେ ପ୍ରାପ୍ତ ପାଣ୍ଠିର Interest amount ମଧ୍ୟରୁ, ଖର୍ଚ୍ଚକୁ ଭରଣା କରାଯିବାକୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ପ୍ରକାଶ କରିଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୩୦-୧୧-୨୦୧୫ରିଖ ବୈଠକର ୧୬ତମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

ନିର୍ଦ୍ଧାରଣ-୧ : ଗତ ତା. ୩୧-୧୧-୨୦୧୫ରିଖ ବୈଠକର ୧୬ତମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୨.୧** ଗତ ୦୩.୧୨.୨୦୧୫ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨** ଗତ ୦୫.୧୨.୨୦୧୫ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

